ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1203/09-11-2023**

### ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

## ନିରନ୍ତର ପୁଷ୍ଟିଶସ୍ୟ ଉତ୍ପାଦନ ନେଇ ବିଚାରବିମର୍ଶ

## ଆଧୁନିକ ଜ୍ଞାନକୌଶଳ ଓ କୃଷି ଅଭ୍ୟାସର ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୦୯/୧୧/୨୦୨୩

ଦୁଇଦିନିଆ ମିଲେଟ୍ ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଅବସରରେ ଆଜି ଅନୁଷ୍ଠିତ 'ବୈଜ୍ଞାନିକ ପଦ୍ଧତିରେ ପୁଷ୍ଟିଶସ୍ୟ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି' ଶୀର୍ଷକ ଆଲୋଚନା ଚକ୍ରରେ ନିରନ୍ତର ପୁଷ୍ଟିଶସ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଛି । ବୈଷୟିକ ଅଧିବେଶନର ଅଂଶସ୍ୱରୂପ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବୁଦ୍ଧିଜୀବୀ, ବିଷୟ ପ୍ରବକ୍ତା, ଗବେଷକ ଓ ସ୍ଥାନୀୟ ପ୍ରଭାବୀ ନେତୃବୃନ୍ଦ ନିରନ୍ତର ଉତ୍ପାଦନ ବୃଦ୍ଧି ଉପରେ ବକ୍ତବ୍ୟ ରଖିଛନ୍ତି ।

ଭାରତୀୟ ପୁଷ୍ଟିଶସ୍ୟ ଗବେଷଣା ପ୍ରତିଷ୍ଠାନର ପ୍ରମୁଖ ବୈଜ୍ଞାନିକ ଡ. ବି. ଭେଙ୍କଟେଶ ଭଟ୍ଟ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଗବେଷଣା ବିଭାଗ ଡିନ୍ ଡ. ସଂଗ୍ରାମ କେଶରୀ ସ୍ୱାଇଁଙ୍କ ମିଳିତ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମିଲେଟ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ପୋଷଣ ଓ ଜୀବିକାର୍ଜନ ଉପରେ ଅନୁରୂପ ଭାବରେ ପ୍ରାଧାନ୍ୟ ଦିଆଯାଇଥିଲା । ଆଲୋଚକ ଭାବରେ ମଧୁସ୍ମିତା ଶତପଥୀ, ଡ. ରାଜେନ୍ଦ୍ର ଆର୍. ଚାପ୍‌କେ, ହାଇଦ୍ରାବାଦସ୍ଥିତ ହାର୍ଭେଷ୍ଟ ପ୍ଲସ୍ ସଂଗଠନର ବିନୁ ଚେରିଆନ୍‌ଙ୍କ ସମେତ ଦମୟନ୍ତୀ ରଣା ଓ ଅଜିତ କୁମାର ସାହୁ ନିଜ ନିଜର ବ୍ୟକ୍ତିଗତ ଅଭିଜ୍ଞତା ଓ ଦୃଷ୍ଟିକୋଣ ବର୍ଣ୍ଣନା କରିଥିଲେ । ରାଜ୍ୟରେ ମିଲେଟ ଚାଷର ପୃଷ୍ଠଭୂମି ସାଙ୍ଗକୁ ସେମାନେ ବିଭିନ୍ନ ଆହ୍ୱାନ ଓ ସୁଯୋଗଗୁଡ଼ିକ ଉପରେ ମତ ରଖିଥିଲେ ।

ଦୂରଦୃଷ୍ଟିସଂପନ୍ନ ଆଭିମୁଖ୍ୟ, ଅତ୍ୟାଧୁନିକ ଜ୍ଞାନକୌଶଳ ବଳରେ ରାଜ୍ୟରେ ପୁଷ୍ଟିଶସ୍ୟ ଉତ୍ପାଦନ ବୃଦ୍ଧି ହୋଇପାରିବ । ପୁଷ୍ଟି ନିରାପତ୍ତା ସାଙ୍ଗକୁ ପୋଷଣୀୟ ଜୀବିକାର୍ଜନ ନିମନ୍ତେ କମ୍ ବ୍ୟୟରେ ପୁଷ୍ଟିଶସ୍ୟ ଉତ୍ପାଦନ ନିମନ୍ତେ ବିଭିନ୍ନ ସ୍ତରରେ ଉଦ୍ୟମ ହେବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଅଂଶଗ୍ରହଣକାରୀ କୃଷକ ଓ ଗୋଷ୍ଠୀ ନେତୃବୃନ୍ଦ କ୍ଷେତ୍ରୀୟ ସ୍ତରରେ ସାମ୍ନା କରିଥିବା ପ୍ରତିବନ୍ଧକଗୁଡ଼ିକ ନେଇ କହିବା ସହିତ ସେଗୁଡ଼ିକର ନିରାକରଣ ପାଇଁ ବିଭିନ୍ନ ପ୍ରୟାସ ବାବଦରେ ଅଭିଜ୍ଞତା ପ୍ରକାଶ କରିଥିଲେ ।

ଜୈବ-ପୁଷ୍ଟିବର୍ଦ୍ଧକ ମିଲେଟ ଉତ୍ପାଦନ ନିମନ୍ତେ ନିରନ୍ତର କୃଷି ଅଭ୍ୟାସର ବିକାଶ ସାଙ୍ଗକୁ ଆଧୁନିକ ଜ୍ଞାନକୌଶଳର ସମନ୍ୱୟ ଉପରେ ଆଲୋଚକମାନେ ଗୁରୁତ୍ୱ ଦେଇଥିଲେ । ପୁଷ୍ଟିଶସ୍ୟ ଚାଷ, ଉତ୍ପାଦନ ଓ ବ୍ୟବହାର ଉପରେ ସେମାନେ ନିଜ ନିଜର କ୍ଷେତ୍ରଭିତ୍ତିକ ଅନୁଭୂତି ବାଣ୍ଟିଥିଲେ । ପୁଷ୍ଟିଶସ୍ୟ ଚାଷରେ ଅଧିକ ସମ୍ଭାବନା ଓ ଭବିଷ୍ୟତ ରହିଥିବା କଥା ବକ୍ତାମାନେ ଉଲ୍ଲେଖ କରିଥିଲେ ।

ତନୁଜା ମହାନ୍ତି
ସୂଚନା ଅଧିକାରୀ